ସମୟ SAMAYA

ସମୟ

୨୧-୭-୨୦୧୫, ମଙ୍ଗଳବାର,

# ଆଇଆଇଟି ନୂଆ କ୍ୟାମ୍ପସ୍ ଉଦ୍‌ଘାଟିତ



ଭୁବନେଶ୍ୱର(ସ.ବ୍ୟୁ) :ସୋମବାର ଦିନ ଅରୁଗୁଲ୍ ସ୍ଥିତ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ନୂତନ କ୍ୟାମ୍ପସ୍ ସହ ଛାତ୍ରବାସ ଉଦ୍‌ଘାଟିତ ହୋଇଯାଇଛି । ଆଜି ଏହି ଅବସରରେ ଆଇଆଇଟିର ଚେୟାରମ୍ୟାନ୍ ଏସ୍ କେ.ରୁଙ୍ଗଟା ଏବଂ ବୋର୍ଡ ଅଫ ଗର୍ଭନରସ୍ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପୂର୍ବରୁ ଆଇଆଇଟି ରାଜଧାନୀ ଖାରବେଳ ନଗର ଅବସ୍ଥିତ ତୋଷାଳି ଭବନ ଠାରେ ଅସ୍ଥାୟୀ ରୂପେ କାର୍ଯ୍ୟକାରୀ ଥିଲା । ନୂତନ କ୍ୟାମ୍ପସର ନିର୍ମାଣ ବର୍ଷ ୨୦୦୯ରେ ସିପିଡବ୍ଲୁଡି ଦ୍ୱାରା ଆରମ୍ଭ କରାଯାଇଥିଲା । ଏହି କ୍ୟାମ୍ପସ୍‌ଟି ୯୩୬ ଏକର ଜମିରେ ନିର୍ମାଣ କରାଯାଇଛି । ମହାନଦୀ ଛାତ୍ରବାସରେ ୮୦୦ ପିଲାଙ୍କ ପାଇଁ ରହିବା ବ୍ୟବସ୍ଥା ରହିଥିବା ବେଳେ ସୁବର୍ଣ୍ଣରେଖା ଛାତ୍ରୀନିବାସରେ ୨୦୦ ଛାତ୍ରୀ ରହିପାରିବେ । ଏହା ଛଡ଼ା ଏଠାରେ ୪୦ଜଣ କର୍ମଚାରୀ ବାସ କରିବା ନିମନ୍ତେ କ୍ୱାଟର, ଏକ ଗେଷ୍ଟ ହାଉସ୍ ,ମିନି ସପିଙ୍ଗ କମ୍ପ୍ଲେକ୍ସ, କମ୍ୟୁନିଟି ସେଣ୍ଟର ରହିଛି । ଆପାତକାଳୀନ ପରିସ୍ଥିତି ମୁକାବିଲା ପାଇଁ ୨୪ ଘଣ୍ଟିଆ ଡାକ୍ତରୀ ସେବା,ଏଟିଏମ୍ , ସିକ୍ୟୁରିଟି ଗାର୍ଡ ଉପଲବ୍ଧ ରହିଛି । ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ର.ଆର.ଭି. ରାଜାକୁମାର ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ ସମସ୍ତ ବିଭାଗିୟ ଅଧିକାରୀ ଏବଂ ମନ୍ତ୍ରାଳୟକୁ ଅଭିନନ୍ଦନ ଜଣାଇଥିଲେ ।